# ଫାର୍ମ ପୋଖରୀରେ ମାଛ ଚାଷ ନିମନ୍ତେ
# ମତ୍ସ୍ୟଚାଷୀଙ୍କୁ ସହାୟତା

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା (MGNREGS)ରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସେମାନଙ୍କ ନିଜ ଜାଗାରେ ଫାର୍ମ ପୋଖରୀ (Farm Pond) ନିର୍ମାଣ କରିବା ପାଇଁ ପୂର୍ଣ୍ଣ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହି ସବୁ ପୋଖରୀଗୁଡ଼ିକରେ ଅଙ୍ଗୁଳୀକା (Fingerlings) ମାଛ ଯାଆଁଳ ଉତ୍ପାଦନ ସହ ମାଛଚାଷ କରିବାର ସୁଯୋଗ ରହିଛି । ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ଓ ମାଛ ଚାଷ ମାଧ୍ୟମରେ ମତ୍ସ୍ୟଚାଷୀଙ୍କ ରୋଜଗାର ବୃଦ୍ଧି ଲକ୍ଷ୍ୟରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ପକ୍ଷରୁ ଖୋଳାଯାଇଥିବା ଫାର୍ମ ପୋଖରୀରେ ମାଛ ଚାଷ ନିମନ୍ତେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟ ଯୋଜନାରେ ମତ୍ସ୍ୟଚାଷୀଙ୍କୁ ସହାୟତା ପ୍ରଦାନ କରାଯାଉଛି ।

### ଫାର୍ମ ପୋଖରୀ (Farm Pond)ରେ ମାଛ ଚାଷ ନିମନ୍ତେ ମିଳୁଥିବା ସହାୟତା

| ମଡେଲ | ଫାର୍ମ ପୋଖରୀର ଆକାର | ୟୁନିଟ୍ ମୂଲ୍ୟ (ଟଙ୍କାରେ) | ସରକାରୀ ରିହାତି | |
|---|---|---|---|---|
| | | | ସାଧାରଣ ବର୍ଗ (୪୦%) | ଏସ୍.ସି./ଏସ୍.ଟି. ମହିଳା (୬୦%) |
| ୧ | ୨୦ ମିଟର x ୨୦ମିଟର x ୩ମିଟର | ୬୦୦୦ | ୨୪୦୦ | ୩୬୦୦ |
| ୨ | ୧୫ ମିଟର x ୧୫ମିଟର x ୩ମିଟର | ୩୦୦୦ | ୧୨୦୦ | ୧୮୦୦ |
| ୩ | ୧୦ ମିଟର x ୧୦ମିଟର x ୩ମିଟର | ୧୫୦୦ | ୬୦୦ | ୯୦୦ |



### ଏହି ସହାୟତା ପାଇବା ପାଇଁ ନିୟମାବଳୀ:

୧. ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା ଖୋଳାଯାଇଥିବା ଫାର୍ମ ପୋଖରୀଗୁଡ଼ିକୁ ଏହି ଯୋଜନାରେ ସହାୟତା ପ୍ରଦାନ କରାଯିବ ।

୨. ଫାର୍ମ ପୋଖରୀଗୁଡ଼ିକର ଗଭୀରତା ୬ ଫୁଟ ରହିବା ସହ ଏହାର ଜଳଧାରଣ କ୍ଷମତା ଥିବା ଆବଶ୍ୟକ ।

୩. ହିତାଧିକାରୀଙ୍କୁ ମାଛଚାଷ ପାଇଁ ଥରୁଟିଏ ଇନପୁଟ ସହାୟତା ପ୍ରଦାନ କରାଯିବ ଓ ସର୍ବାଧିକ ୦.୫ ଏକର ପରିମିତ ପୋଖରୀ ପାଇଁ ଏହି ସହାୟତା ମିଳିବ ।

୪. ମାଛଚାଷ ପାଇଁ ଉପଯୁକ୍ତ ନୂତନ ଫାର୍ମ ପୋଖରୀରେ ତାଲିକା ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ ସମ୍ପୃକ୍ତ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ପ୍ରଦାନ କରିବେ ।

୫. ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ସହ ହିତାଧିକାରୀଙ୍କୁ ତାଙ୍କର ଫାର୍ମ ପୋଖରୀରେ ମାଛ ଚାଷ ପାଇଁ ପ୍ରବର୍ତ୍ତାଇବା ପରେ ଇଚ୍ଛୁକ ହିତାଧିକାରୀଙ୍କ ଠାରୁ ସହକାରୀ ମତ୍ସ୍ୟ ଅଧିକାରୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଗ୍ରହଣ କରିବେ ଓ ତାହାକୁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ସୁପାରିଶ କରିବେ ।

୬. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ଫାର୍ମ ପୋଖରୀରେ ଅଙ୍ଗୁଳିକା ମାଛ ଯାଆଁଳ ଷ୍ଟକିଙ୍ଗ କରିବା ପାଇଁ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅନୁମତି ପ୍ରଦାନ କରିବେ । ପୋଖରୀରେ ଓପିଡିସି / ସରକାରୀ ମାଛ ଫାର୍ମରୁ ଯାଆଁଳ କିଣି ଛାଡ଼ିବା ସମୟରେ ଉଭୟ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ଓ ସହକାରୀ ମତସ୍ୟ ଅଧିକାରୀ ଉପସ୍ଥିତ ରହି ଜିଓ ଟ୍ୟାଗ ଫଟୋ ଉଠାଇବେ ।



୭. ହିତାଧିକାରୀଙ୍କୁ ମାଛ ଚାଷ ଓ ଯାଆଁଳ ଚାଷ ଉପରେ ଦିନିକିଆ ତାଲିମ ପ୍ରଦାନ ବ୍ୟବସ୍ଥା ରହିଛି ।

୮. ଏଥିରେ ସାଧାରଣ ବର୍ଗଙ୍କ ପାଇଁ ପ୍ରକଳ୍ପ ମୂଲ୍ୟର ଶତକଡ଼ା ୪୦ ଭାଗ ଏବଂ ମହିଳା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଶତକଡ଼ା ୬୦ ଭାଗ ରିହାତି ବ୍ୟବସ୍ଥା ରହିଛି ।

୯. ପ୍ରକଳ୍ପ ସମ୍ପୂର୍ଣ୍ଣ ପରେ ହିତାଧିକାରୀଙ୍କ ରିହାତି ଅର୍ଥ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ **DBT** ମାଧ୍ୟମରେ ହସ୍ତାନ୍ତର କରାଯିବ ।

## ଫାର୍ମ ପୋଖରୀରେ ମାଛଚାଷ, ଚାଷୀଙ୍କ ମୁହଁରେ ଫୁଟାଏ ହସ ।

**ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।**

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**